# NATIONAL NEWS BULLETIN (ODIA)

## 13 May - 2025

## Evening Bulletin : 7.45 p.m.

*********************************

## ମୁଖ୍ୟ ସମ୍ବାଦ

- ଅପରେସନ ସିନ୍ଦୂର ମାଧ୍ୟମରେ ଭାରତୀୟ ସେନା ବାହିନୀର ପରାକାଷ୍ଠା ସମଗ୍ର ବିଶ୍ୱରେ ଦେଶକୁ ଗୌରବାନ୍ୱିତ କରିବା ସହ ଆଗାମୀ ପିଢ଼ି ଲାଗି ପ୍ରେରଣାର ଉତ୍ସ ହୋଇ ରହିବ, କହିଲେ ପ୍ରଧାନମନ୍ତ୍ରୀ ।
- ପାକ୍ ଅଧିକୃତ କାଶ୍ମୀର ପ୍ରସଙ୍ଗରେ ହିଁ କେବଳ ପାକିସ୍ତାନ ସହିତ କଥାବାର୍ତ୍ତା କରାଯିବ ବୋଲି ଭାରତର ସ୍ପଷ୍ଟୋକ୍ତି ।
- ପୁଡୁଚେରୀରେ ତିନୋଟି ନୂତନ ଅପରାଧିକ ଆଇନ୍‌ର କାର୍ଯ୍ୟକାରିତା ସମ୍ପର୍କରେ ଆଜି ସମୀକ୍ଷା କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଜାମ୍ମୁ କାଶ୍ମୀରର ସୋପିଆନ୍ ଜିଲ୍ଲାରେ ସୁରକ୍ଷା ବାହିନୀ ଗୁଳିରେ ୩ ଆତଙ୍କବାଦୀ ନିହତ ।

ଏବଂ

- ଆମେରିକା ରାଷ୍ଟ୍ରପତି' ତିନିଦିନିଆ ମଧ୍ୟପ୍ରାଚ୍ୟ ରାଷ୍ଟ୍ର ଗସ୍ତର ପ୍ରଥମ ପର୍ଯ୍ୟାୟରେ ଆଜି ପହଞ୍ଚିଲେ ସାଉଦି ଆରବରେ ।

# ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଇସଲାମାବାଦ ଉଦ୍ଦେଶ୍ୟରେ ନିଜର ଶକ୍ତ ଆଭିମୁଖ୍ୟ ପ୍ରକାଶ କରି କହିଛନ୍ତି, ପାକିସ୍ତାନରେ ଏଭଳି କୌଣସି ସ୍ଥାନ ନାହିଁ ଯେଉଁଠାରେ କି ଆତଙ୍କବାଦୀମାନେ ଶାନ୍ତିରେ ନିଶ୍ୱାସ ନେଇପାରିବେ । ଆତଙ୍କବାଦୀମାନଙ୍କୁ ସେମାନଙ୍କ ନିଜ ଘରେ ବିନାଶ କରିବାର କ୍ଷମତା ଭାରତର ରହିଛି ବୋଲି ସେ କହିଛନ୍ତି । ଆଜି ପଞ୍ଜାବର ଆଦାମପୁର ବାୟୁ ସେନା ଷ୍ଟେସନ୍ ଗସ୍ତ କରି ସେଠାରେ ଉପସ୍ଥିତ ସେନା ଅଧିକାରୀ ଓ ସୈନିକମାନଙ୍କ ସହିତ କଥାବାର୍ତ୍ତା ସମୟରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି ।

**V/O-PM-MODI--TERRORIST-BREATHE-IN-PEACE**

ଆତଙ୍କବାଦ ବିପକ୍ଷରେ ଭାରତର ଅପରେସନ ସିନ୍ଦୂରର ସଫଳତାକୁ ପ୍ରଶଂସା କରି ଶ୍ରୀ ମୋଦୀ କହିଛନ୍ତି, ଭାରତ ପାକିସ୍ତାନରେ ୧୦୦ରୁ ଊର୍ଦ୍ଧ୍ୱ କୁଖ୍ୟାତ ଆତଙ୍କବାଦୀଙ୍କୁ ନିହତ କରିବା ସହ ସେଠାରେ ୯ଟି ଆତଙ୍କୀ ଶିବିରକୁ ମଧ୍ୟ ସମ୍ପୂର୍ଣ୍ଣ ଧ୍ୱଂସ କରିଦେଇଛି । ଏହି ଆତଙ୍କବାଦୀମାନେ ପାକିସ୍ତାନର ସେନା ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ କରିଥାନ୍ତି, ମାତ୍ର ଭାରତର ସଶସ୍ତ୍ର ବାହିନୀ ପାକିସ୍ତାନ ସେନାକୁ ସମ୍ପୂର୍ଣ୍ଣ ରୂପେ ପରାସ୍ତ କରିଛି ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଆତଙ୍କବାଦ କାର୍ଯ୍ୟର

ପ୍ରଚ୍ଛଦପଟ୍ଟରେ ଥିବା ସଂଗଠନ ବା ବ୍ୟକ୍ତିବିଶେଷମାନେ ବର୍ତ୍ତମାନ ଅନୁଭବ କରିସାରିଛନ୍ତି ଯେ ନିରିହ ଲୋକମାନଙ୍କର ରକ୍ତ ବୁହାଇବାର ପରିଣାମ କେବଳ ଧ୍ୱଂସ ଏବଂ ମହାବିନାଶ ।

**V/O-PM-MODI--DESTRUCTION**

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତୀୟ ବାୟୁ ସେନା ପାକିସ୍ତାନରେ ଥିବା ଆତଙ୍କୀ ଶିବିର ଗୁଡ଼ିକୁ ମାତ୍ର ୨୦ରୁ ୨୫ ମିନିଟ୍ ଭିତରେ ସଠିକ୍ ରୂପେ ଲକ୍ଷ୍ୟ ଭେଦ କରିପାରିଥିଲେ । ଏହାଦ୍ୱାରା ଅତ୍ୟାଧୁନିକ ଜ୍ଞାନକୌଶଳରେ ସଜ୍ଜିତ ଭାରତୀୟ ସେନାବାହିନୀର ବୃତ୍ତିଗତ ମନୋଭାବ ପ୍ରତିଫଳିତ ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଶ୍ରୀ ମୋଦୀ କହିଛନ୍ତି, ଅପରେସନ ସିନ୍ଦୂର ଦେଶର ନୈତିକ ମନୋବଳକୁ ପ୍ରୋତ୍ସାହିତ କରିବା ସହ ସମଗ୍ର ଦେଶକୁ ଏକତାର ଗୋଟିଏ ସୂତାରେ ବାନ୍ଧି ରଖିବାରେ ସଫଳ ହୋଇଛି । ଏତଦ୍‌ବ୍ୟତୀତ ଭାରତର ସୀମାକୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖିବାରେ ସଫଳ ହୋଇଛି । ଅପରେସନ ସିନ୍ଦୂର ସମୟରେ ଦେଶକୁ ସୁରକ୍ଷିତ ରଖିବା ଦିଗରେ ସଶସ୍ତ୍ର ବାହିନୀର ଅଦମ୍ୟ ସାହସ ଓ ପେଶାଦାର ଆଚରଣ ସହିତ ଉତ୍ସର୍ଗୀକୃତ ମନୋଭାବକୁ ଶ୍ରୀ ମୋଦୀ ଉଚ୍ଚ ପ୍ରଶଂସା କରିଛନ୍ତି । ଭାରତୀୟ ସେନାବାହିନୀ ସମଗ୍ର ବିଶ୍ୱରେ ଦେଶକୁ ଗୌରବାନ୍ୱିତ କରିବା ସହ ଆଗାମୀ ପିଢ଼ି ଲାଗି ପ୍ରେରଣାର ଉତ୍ସ ହୋଇ ରହିବେ ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

**V/O-PM-MODI--INSPIRATION-SALUTE**

# ଏମ୍‌ଇଏ-ବ୍ରିଫିଂ

ପାକ୍ ଅଧିକୃତ କାଶ୍ମୀର ପ୍ରସଙ୍ଗରେ ହିଁ କେବଳ ପାକିସ୍ତାନ ସହିତ କଥାବାର୍ତ୍ତା କରାଯିବ ବୋଲି ଭାରତ କହିଛି । ଆଜି ନୂଆଦିଲ୍ଲୀ ଠାରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ୍ ଗଣମାଧ୍ୟମକୁ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ଏହା କହିଛନ୍ତି । ସେ କହିଛନ୍ତି, ଏହି ଅଞ୍ଚଳକୁ ପାକିସ୍ତାନ ବେଆଇନ୍ ଭାବେ ନିଜ ଅଧୀନରେ ରଖିଛି । ଏହି ପ୍ରସଙ୍ଗରେ ଭାରତ ପାକିସ୍ତାନ ସହିତ ଦ୍ୱିପକ୍ଷିୟ ଆଲୋଚନା କରିବ । ଏଥିରେ କୌଣସି ମଧ୍ୟସ୍ଥିର ଆବଶ୍ୟକତା ନାହିଁ ବୋଲି ଶ୍ରୀ ଜୟସ୍ୱାଲ ସ୍ପଷ୍ଟ କରିଛନ୍ତି ।

**V/O**

# ଭିପି-ମେଘାଳୟ

ମେଘାଳୟରେ ପର୍ଯ୍ୟଟନ, ଖଣି, ପ୍ରଯୁକ୍ତି ବିଦ୍ୟା ଏବଂ ସେବା ଆଦି କ୍ଷେତ୍ରରେ ଅଭୂତପୂର୍ବ ସୁଯୋଗ ରହିଛି ବୋଲି ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି । ଆଜି ନୂଆଦିଲ୍ଲୀଠାରେ ମେଘାଳୟର ଗାରୋ, ଖାସି ଓ ଜାଇନ୍ତିଆ ପାର୍ବତ୍ୟାଞ୍ଚଳର ସ୍ୱୟଂସହାୟକା ଗୋଷ୍ଠୀର ସଦସ୍ୟାମାନଙ୍କ ସହିତ ଭାବ ବିନିମୟ ସମୟରେ ଶ୍ରୀ ଧନଖଡ଼ ଏହା କହିଛନ୍ତି । ସେ

କହିଛନ୍ତି, ମେଘାଳୟରେ ପ୍ରତିଭାବାନ ବ୍ୟକ୍ତିଙ୍କର ଅଭାବ ନାହିଁ । ସରକାର ଏହି ରାଜ୍ୟ ସମେତ ସମଗ୍ର ଉତ୍ତର ପୂର୍ବାଞ୍ଚଳର ସାମଗ୍ରିକ ବିକାଶ ଲାଗି କାର୍ଯ୍ୟକାରୀ କରୁଥିବା ବିଭିନ୍ନ ଯୋଜନା ସୁଫଳ ଯେଭଳି କୋଣ ଅନୁକୋଣରେ ପହଞ୍ଚି ପାରିବ ସେ ଦିଗରେ ପ୍ରଚେଷ୍ଟା କରିବା ଲାଗି ଉପରାଷ୍ଟ୍ରପତି ଏହି ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ କହିଛନ୍ତି ।

## ଶାହା-ପୁଡୁଚେରୀ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ପୁଡୁଚେରୀ ଠାରେ ତିନୋଟି ନୂତନ ଅପରାଧିକ ଆଇନ୍‌ର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଛନ୍ତି । ଗତବର୍ଷ ଜୁଲାଇ ମାସରେ ଦେଶ ବ୍ୟାପି କାର୍ଯ୍ୟକାରି ହୋଇଥିବା ଏହି ଆଇନ୍ ଗୁଡ଼ିକ ହେଲା ଭାରତୀୟ ନ୍ୟାୟ ସଂହିତା ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ ।

ଏହି ବୈଠକରେ ମୁଖ୍ୟତଃ ପୁଡୁଚେରୀର ପୁଲିସ୍ ବିଭାଗ, କାରାଗାର, ଅଦାଲତ, ବିଚାର ପ୍ରକ୍ରିୟା ଏବଂ ଫରେନ୍‌ସିକ୍ ସେବାରେ ନୂତନ ଅପରାଧିକ ଆଇନ୍‌ର କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଛି । ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଶାହା ବିଭିନ୍ନ ମାମଲାରେ ପଞ୍ଜିକୃତ ହେଉଥିବା ଏଫ୍.ଆଇ.ଆର୍. ଗୁଡ଼ିକୁ କେବଳ ତାମିଲ

ଭାଷାରେ ଲେଖାଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ତେବେ ଅନ୍ୟ ଭାଷାରେ ଯଦି କୌଣସି ବ୍ୟକ୍ତି ଏଫ୍.ଆଇ.ଆର୍. ପଞ୍ଜିକୃତ କରିବାକୁ ଚାହାନ୍ତି ତେବେ ତାହା ସୁନିଶ୍ଚିତ କରିବାକୁ ମଧ୍ୟ ସେ କହିଛନ୍ତି । ସେହିଭଳି ଇ-ସମନ, ଇ-ସାକ୍ଷ୍ୟ ଓ ନ୍ୟାୟ ଶ୍ରୁତି ଯଥାଶୀଘ୍ର କାର୍ଯ୍ୟକାରି କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ଏହି ବୈଠକରେ ପୁଡୁଚେରୀ ଉପରାଜ୍ୟପାଳ କେ. କୈଳାଶନାଥନ୍‌ଙ୍କ ସମେତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଡିଫେନ୍ସ ବଜେଟ୍

ଗତ ୧୨ ବର୍ଷ ମଧ୍ୟରେ ଦେଶର ପ୍ରତିରକ୍ଷା ବଜେଟ୍‌ରେ ୩ ଦଶମିକ ୨/୮ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏହି ସୂଚନା ଦିଆଯାଇଛି । ମନ୍ତ୍ରଣାଳୟ କହିଛି, ୨୦୧୩-୧୪ ଆର୍ଥିକ ବର୍ଷରେ ଦେଶର ପ୍ରତିରକ୍ଷା ବଜେଟ୍‌ର ପରିମାଣ ୨ ଦଶମିକ୍ ୫/୩ ଲକ୍ଷ କୋଟି ଟଙ୍କା ଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ଏହା ବୃଦ୍ଧି ପାଇ ୬ ଦଶମିକ୍ ୮/୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ଏହି ସମୟ ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ବିଭିନ୍ନ ରଣନୈତିକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯିବା ସହ ଘରୋଇ କ୍ଷେତ୍ରର ଅଂଶଗ୍ରହଣ ସୁଯୋଗକୁ ଅଧିକ

କରାଯାଇଛି । ସେହିଭଳି ନବସୃଜନତା ମାଧ୍ୟମରେ ସ୍ୱଦେଶୀ ଜ୍ଞାନକୌଶଳରେ ବିଭିନ୍ନ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କରାଯିବା ସହ ଭାରତ ଏହି କ୍ଷେତ୍ରରେ ଆତ୍ମନିର୍ଭର ହେବାରେ ସଫଳ ହୋଇପାରିଛି । ଏତଦ୍‌ବ୍ୟତୀତ ଭାରତ ବର୍ତ୍ତମାନ ବିଶ୍ୱର ଏକ ବିଶ୍ୱସ୍ତ ପ୍ରତିରକ୍ଷା ରପ୍ତାନୀକାରୀ ଭାବେ ଉଭା ହୋଇଛି । ଏଥିସହ ଜାତୀୟ ସୁରକ୍ଷା ବ୍ୟବସ୍ଥା ଅଧିକ ସଶକ୍ତ ହୋଇଥିବା ବେଳେ ପ୍ରତିରକ୍ଷା କ୍ଷେତ୍ରରେ ଅର୍ଥନୈତିକ ଅଭିବୃଦ୍ଧି ମଧ୍ୟ ହାସଲ ହୋଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ପଞ୍ଜାବ ଲିକର ଡେଥ୍

ପଞ୍ଜାବର ଅମୃତସର ଜିଲ୍ଲା ଅନ୍ତର୍ଗତ ମାଜିଥାରେ ବିଷାକ୍ତ ମଦମୃତ୍ୟୁ ଘଟଣାରେ ମୃତ୍ୟୁ ସଂଖ୍ୟା ୨୧କୁ ବୃଦ୍ଧି ପାଇଛି । ଅନ୍ୟ ଗୁରୁତରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମୁଖ୍ୟମନ୍ତ୍ରୀ ଭଗବତ ସିଂହ ମାନ ମୃତକଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ଏହି ଘଟଣା ଲାଗି ଦାୟୀ ବ୍ୟକ୍ତିଙ୍କୁ କେବେବି ଛଡ଼ାଯିବ ନାହିଁ ବୋଲି କହିଛନ୍ତି । ମୃତକଙ୍କ ଆତ୍ମୀୟ ସ୍ୱଜନଙ୍କ ଲାଗି ମୁଖ୍ୟମନ୍ତ୍ରୀ ୧୦ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ସହିତ ସେମାନଙ୍କର ପ୍ରତ୍ୟେକ ପରିବାରର ଜଣଙ୍କୁ ନିଯୁକ୍ତି ଦେବା ଲାଗି ମୁଖ୍ୟମନ୍ତ୍ରୀ ଶ୍ରୀ ମାନ୍ ଘୋଷଣା କରିଛନ୍ତି । ଇତିମଧ୍ୟରେ ଦୁଇ ଜଣ ଅବକାରୀ ଅଧିକାରୀ ଓ ଜଣେ ପୁଲିସ୍ ଅଧିକାରୀଙ୍କ ସମେତ ମୋଟ୍ ୪ ଜଣଙ୍କୁ ଏହି ଘଟଣାରେ ନିଲମ୍ବିତ କରାଯାଇଛି ।

ଏହାଛଡ଼ା ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ମୋଟ୍ ୧୦ ଜଣଙ୍କୁ ପୁଲିସ୍ ଗିରଫ୍ କରିଥିବା ଜଣାଯାଇଛି । ଅମୃତସର ଡେପୁଟୀ କମିଶନର ସାକ୍ଷୀ ସାହାଣୀ କହିଛନ୍ତି, ଗୁରୁତରମାନଙ୍କର ଚିକିତ୍ସା ନିମନ୍ତେ ସମସ୍ତ ସରକାରୀ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯାଉଛି । ଏକ ମେଡ଼ିକାଲ ଟିମ୍ ପକ୍ଷରୁ ଘରକୁ ଘର ବୁଲି ଅନ୍ୟ ଗୁରୁତରମାନଙ୍କୁ ଠାବ କରାଯାଉଥିବା ସେ କହିଛନ୍ତି । ଘଟଣାର ଅଧିକ ତଦନ୍ତ ଜାରି ରହିଛି ।

## ଜେକେ-ଗନ୍‌ଫାଇଟ୍

ଜାମ୍ମୁ କାଶ୍ମୀରର ସୋପିଆନ୍ ଜିଲ୍ଲା ଅନ୍ତର୍ଗତ ସୁକ୍ରୁ କେଲେର୍ ଜଙ୍ଗଲ ଅଞ୍ଚଳରେ ସୁରକ୍ଷା ବାହିନୀ ଗୁଳିରେ ତିନି ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି । କାଶ୍ମୀର ପୁଲିସ୍ ମହାନିରୀକ୍ଷକ ଭି.କେ. ବିର୍ଡି ଆମ ଶ୍ରୀନଗର ସମ୍ବାଦଦାତାଙ୍କୁ କହିଛନ୍ତି, ମୃତ ୩ ଆତଙ୍କବାଦୀ ଲସ୍କର୍-ଇ-ତୋଏବା କିମ୍ବା ଟି.ଆର୍.ଏଫ୍. ସଂଗଠନର ସଦସ୍ୟ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ।

ପୂର୍ବରୁ ସଂପୃକ୍ତ ଜଙ୍ଗଲରେ ଆତଙ୍କବାଦୀ ଲୁଚି ରହିଥିବା ସୂଚନା ମିଳିବା ପରେ ପୋଲିସ, ସେନା ଏବଂ ସିଆର୍‌ପିଏଫ୍ ପକ୍ଷରୁ ମିଳିତ ଭାବେ ସେହି ଅଞ୍ଚଳକୁ ଘେରାବନ୍ଦୀ କରାଯାଇ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା । ଅଭିଯାନ ସମୟରେ ଲୁଚି ରହିଥିବା ଆତଙ୍କବାଦୀମାନେ

ପ୍ରଥମେ ଗୁଳିଚାଳନା କରିବାରୁ ଏହାର ଜବାବରେ ସୁରକ୍ଷା କର୍ମୀଙ୍କ ପକ୍ଷରୁ ପାଲଟା ଗୁଳିଚାଳନା କରାଯାଇଥିଲା ।

## ସାଉଦି ଆରବ-ୟୁଏସ୍ ପ୍ରେସିଡେଣ୍ଟ

ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆଜି ସାଉଦି ଆରବରେ ପହଞ୍ଚିଛନ୍ତି । ମଧ୍ୟପ୍ରାଚ୍ୟ ମେଣ୍ଟ ରାଷ୍ଟ୍ର ଗୁଡ଼ିକ ସହିତ ସମ୍ପର୍କକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ଶ୍ରୀ ଟ୍ରମ୍ପ୍ ରାଷ୍ଟ୍ରପତି ହେବାର ଦ୍ୱିତୀୟ ପାଳିରେ ପ୍ରଥମ ସରକାରୀ ଗସ୍ତରେ ଯାଇ ଆଜି ରିଆଦ୍‌ରେ ପହଞ୍ଚିଛନ୍ତି । ଏହି ଅବସରରେ ସାଉଦିଆରବର କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ଏହି ଗସ୍ତ ଅବସରରେ ଯୁକ୍ତରାଷ୍ଟ୍ର ଆମେରିକା ଓ ସାଉଦି ଆରବ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ରାଜିନାମା ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି । ଏହି ତିନି ଦିନିଆ ଗସ୍ତ ଅବସରରେ ଶ୍ରୀ ଟ୍ରମ୍ପ୍ କାତାର ଓ ସଂଯୁକ୍ତ ଆରବ ଏମିରେଟ୍ସ ମଧ୍ୟ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି ।